ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ର ସଂଖ୍ୟା. ୮୧୦ /ସୂ.ଲୋ.ସ. ତା. ୦୨-୧୦-୨୦୧୯

e-mail- dkl.dipro@gmail.com
Tel. No.- (06762) 224414

ଢେଙ୍କାନାଳରେ ଗାନ୍ଧି ଜୟନ୍ତୀ ପାଳିତ

ଢେଙ୍କାନାଳ, ତା- ୦୨/୧୦/୨୦୧୯ - ଆଜି ଢେଙ୍କାନାଳରେ ଜାତିର ପିତା ମହାତ୍ମା ଗାନ୍ଧିଙ୍କର ୧୫୦ ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳୁ ସ୍ଥାନୀୟ ଗାନ୍ଧି ପାର୍କ ଠାରେ ଜିଲ୍ଲାପାଳ ଶ୍ରୀ ଭୂମେଶ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉପେନ୍ଦ୍ର କୁମାର ମାଲ୍ଲିକ, ଉପ-ଜିଲ୍ଲାପାଳ ଶ୍ରୀ ସାଇଁଲ୍ୟ ମଣ୍ଡିତ ପ୍ରଧାନଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

ସ୍ଥାନୀୟ କୃଷ୍ଣାଜେନା ପରିସରରେ ଆୟୋଜିତ ଆଲୋଚନା ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଶ୍ରୀ ବେହେରା ଯୋଗ ଦେଇ, ମହାତ୍ମା ଗାନ୍ଧିଙ୍କ ନୀତି ଓ ଆଦର୍ଶ ଆଜି ସାରା ବିଶ୍ୱରେ ଆଦୃତ ହୋଇପାରିଛି ଏବଂ ତାଙ୍କର ଜନ୍ମଦିନକୁ ସାରା ବିଶ୍ୱରେ ଅହିଂସା ଦିବସ ଭାବେ ପାଳନ କରାଯାଉଛି ବୋଲି ପ୍ରକାଶ କରିଥିଲେ । ସମସ୍ତଙ୍କର ଉତ୍‌ଥାନ ପାଇଁ ଓ ସକଳ ନିମନ୍ତେ ସେ ବିଶେଷ ଚିନ୍ତିତ ଥିଲେ । ତାଙ୍କର ରାମରାଜ୍ୟର କଳ୍ପନା ଅପୂର୍ଣ୍ଣ ଥିବା କହି, ତାହାକୁ ପୂର୍ଣ୍ଣ କରିବା ସମସ୍ତଙ୍କର ଦାୟିତ୍ୱ ହେବା ଉଚିତ ବୋଲି ମତ ବ୍ୟକ୍ତ କରିଥିଲେ । ଆଗାମୀ ଦିନରେ ଅହିଂସା ମାର୍ଗ ଅବଲମ୍ବନ ଦ୍ୱାରା ସମସ୍ତ ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ ।

ମୁଖ୍ୟବକ୍ତା ଭାବେ ମହିମା ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଶ୍ରୀ ପ୍ରଦୀପ୍ତ କୁମାର ସାହୁ ଯୋଗ ଦେଇ କହିଥିଲେ ଯେ, ଗାନ୍ଧିଜୀ ହିଂସା ଓ ଅନୀତି ଠାରୁ ବହୁ ଦୂରରେ ଥିଲେ । ଅହିଂସା ଓ ଅସହଯୋଗ ଆନ୍ଦୋଳନ ଦ୍ୱାରା ସ୍ୱାଧୀନ ଭାରତବର୍ଷର ଗଠନ ସମ୍ଭବ ହୋଇପାରିଥିଲା । ଅସ୍ପୃଶ୍ୟତାକୁ ସେ ଘୋର ବିରୋଧ କରିଥିଲେ, ଗାନ୍ଧିଙ୍କ ହୃଦୟ ଅତି ବିଶାଳ ଥିଲା ଓ ସେ ଜଣେ ଯୁଗଦ୍ରଷ୍ଟା, ଦୂରଦର୍ଶୀ ଥିଲେ ବୋଲି ପ୍ରକାଶ କରିଥିଲେ ।

ସମ୍ମାନିତ ବକ୍ତା ଭାବେ ଆଞ୍ଚଳିକ ମହାବିଦ୍ୟାଳୟର (ଢେଙ୍କାନାଳ) ଓଡ଼ିଆ ବିଭାଗ ମୁଖ୍ୟ ଶ୍ରୀ ପ୍ରଭାକର ଦ୍ୱିବେଦୀ ଯୋଗ ଦେଇ କହିଥିଲେ ଯେ, ନିଶା ନିବାରଣ, ନାରୀ ଜାଗରଣ, ଗ୍ରାମୀଣ ବିକାଶ, କୁଟୀର ଶିଳ୍ପ, ହସ୍ତଶିଳ୍ପର ବିକାଶ, ସୁସ୍ଥ ସମାଜ ପାଇଁ ସ୍ୱଚ୍ଛତା ଅବଲମ୍ବନ ଦ୍ୱାରା ଗାନ୍ଧିଜୀଙ୍କ ସ୍ୱପ୍ନର ରାମରାଜ୍ୟ ଗଠନ ସମ୍ଭବ । ଅହିଂସା ଦ୍ୱାରା ସାରା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ସମ୍ଭବପର ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ ।

ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉପେନ୍ଦ୍ର କୁମାର ମାଲ୍ଲିକ, ସଦର ଉପ-ଜିଲ୍ଲାପାଳ ଶ୍ରୀ ସାଇଁଲ୍ୟ ମଣ୍ଡିତ ପ୍ରଧାନ ମହାତ୍ମା ଗାନ୍ଧିଙ୍କର ସତ୍ୟ, ଅହିଂସା, ସର୍ବୋଦୟ, ଜାତିପ୍ରଥା ହୀନ ସମାଜ ଗଠନ, ଅସ୍ପୃଶ୍ୟତା ବିରୋଧ, ସ୍ୱଚ୍ଛତା ଅବଲମ୍ବନ, ସଦଭାବନା ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ସାମଗ୍ରିକ ବିକାଶ ନିମନ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ ।

ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ହେମନ୍ତ କୁମାର ମାଲ୍ଲିକ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ଅତିଥିମାନେ ମହାତ୍ମା ଗାନ୍ଧି ଓ ଲାଲ -

ପ.ପୃ.ଦ୍ର. →

ବାହାଦୁର ଶାସ୍ତ୍ରୀଙ୍କ ପଂଚାଚିତ୍ରରେ ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ବରିଷ୍ଠ ସାମ୍ବାଦିକ ଶ୍ରୀ ଶରୁଜ ନନ୍ଦ ମହାତ୍ମା ଗାନ୍ଧି ଶୀର୍ଷକ ଏକ କବିତା ଆବୃତ୍ତି କରିଥିଲେ । ଗାନ୍ଧି ଜୟନ୍ତୀ ଉପଲକ୍ଷେ ଆୟୋଜିତ ହୋଇଥିବା ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ଓ ଗାନ୍ଧି ଆତ୍ମ ଜୀବନୀ ପୁସ୍ତକ ପୁରସ୍କାର ପ୍ରଦାନ କରାଯାଇଥିଲା । ଜୟନ୍ତୀ ସମାରୋହ ପ୍ରାରମ୍ଭରେ ସର୍ବଧର୍ମ ପ୍ରାର୍ଥନା ସଭା କରାଯାଇଥିଲା । ଗୀତା ଡଃ ଅନୁପମା ମିଶ୍ର, କୋରାନ ଜନାବ ନଜରୁଲ ଇସଲାମ ଏବଂ ବାଇବେଲ ଜେଉଜେଶ୍ରୁ ସରୋଜ କୁମାର ସିଂହ ପାଠ କରିଥିଲେ । ଏହି ତିନିଜଣଙ୍କୁ ମୁଖ୍ୟଅତିଥି ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ହେମନ୍ତ କୁମାର ନାୟକ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିବା ସହ ସମସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

ଜିଲ୍ଲା ପ୍ରଶାସନ ତରଫରୁ ଗାନ୍ଧି ଜୟନ୍ତୀର ୧୫୦ତମ ପୂର୍ତ୍ତି ଉପଲକ୍ଷେ ସକାଳ ୪ଟା ୩୦ରେ ଗମଧୁନ ପରିବେଷଣ ଜିଲ୍ଲା ସୂଚନା ଓ ଲୋକ-ସଂପର୍କ କାର୍ଯ୍ୟାଳୟ ଦ୍ୱାରା ପୌରାଣିଳରେ କରାଯାଇଥିଲା । ସକାଳ ୬ଟା ୧୫ରେ ବାଜି ଚୌକଠାରେ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ଶୋଭାଯାତ୍ରାକୁ ଜିଲ୍ଲାପାଳ ଶ୍ରୀ ବେହେରା ଶୁଭାରମ୍ଭ କରିଥିଲେ । ୬ଟା ୩୦ରେ ବସ୍ତ୍ରଷ୍ଟାଣ୍ଡ ନିକଟରେ ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ସମସ୍ତ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ, ମହାତ୍ମା ଗାନ୍ଧି ମାର୍ଗର ଲୋକାର୍ପଣ, ୮ଟା ୩୦ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ, ୨ଟା ୧୫ରେ ଡାଏଟଠାରେ ମହାତ୍ମା ଗାନ୍ଧି ଓ ଗୋପବନ୍ଧୁ ପ୍ରତିମୂର୍ତ୍ତିର ଶୁଭ ଉଦ୍‌ଘାଟନ ଏବଂ ସର୍ବ ଶିକ୍ଷା ଅଭିଯାନ ଦ୍ୱାରା ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବଣ୍ଟନ ଏବଂ ଅପରାହ୍ନ ୩ଟା ୩ ମିନିଟ ସମୟରେ କାମାକ୍ଷାନଗର ବ୍ଲକ୍ ଗୟନୃସିଂହପୁର ଗ୍ରାମକୁ ଲୋକ କଳା ଗ୍ରାମ ଭାବେ ଜିଲ୍ଲାପାଳ ଶ୍ରୀ ବେହେରା ଲୋକାର୍ପଣ କରିଥିଲେ ।

— x —

ହେମନ୍ତ କୁମାର ନାୟକ
୦୨/୧୦/୨୦୧୮

ଜିଲ୍ଲା ସୂଚନା ଓ ଲୋକ
ସଂପର୍କ ଅଧିକାରୀ
ଢେଙ୍କାନାଳ